ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ବିଭାଗ ।

....

ନଂ. 3518 /ସା.ପ୍ର. ଭୁବନେଶ୍ୱର, ତା– 6/2/90

ପ୍ରେରକ :

ଡଃ. ରାଧାକାନ୍ତ ନାୟକ, ଆଇ.ଏ.ଏସ୍.
ସ୍ୱତନ୍ତ୍ର ଶାସନ ସଚିବ ।

ପ୍ରାପ୍ତେଷୁ :

ସମସ୍ତ ପ୍ରଶାସନ ବିଭାଗ
ସମସ୍ତ ବିଭାଗୀୟ ମୁଖ୍ୟ
ସମସ୍ତ ଜିଲ୍ଲାପାଳ ।

ବିଷୟ :

ମୃତ କିମ୍ବା ଶାରିରୀକ ଅକର୍ମଣ୍ୟ ଜନିତ ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀଙ୍କର ପରିବାରର ସଭ୍ୟଙ୍କୁ ପୁନର୍ବାସ ଯୋଜନାରେ ନିଯୁକ୍ତି ଦେବା ସଂକ୍ରାନ୍ତରେ ।

ମହାଶୟ,

ମୁଁ ନିର୍ଦ୍ଦେଶକ୍ରମେ ଜଣାଉଅଛି କି କୌଣସି ସରକାରୀ କର୍ମଚାରୀ ଚାକିରୀରେ ଥାଇ ମୃତ୍ୟୁବରଣ କଲେ ଅଥବା ଶାରିରୀକ ଅକର୍ମଣ୍ୟ ହୋଇ ଅକର୍ମଣ୍ୟ ଜନିତ କାରଣରୁ ଅବସର ଗ୍ରହଣ କଲେ ତାଙ୍କର ପରିବାରର ଜଣେ ସଭ୍ୟଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଗୋଟିଏ ଉଚିତ ଅଣଗେଜେଟେଡ୍ ୩ୟ ଶ୍ରେଣୀ କିମ୍ବା 4ର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ଦେବାପାଇଁ ସରକାର ଏହି ବିଭାଗର ସଂକଳ୍ପ ସଂ.21684 ତା– ୨.୨.82 ରିଖ ଜରିଆରେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ଯୋଜନାଟିର ମୂଳ ଆଭିମୁଖ୍ୟ ହେଲା ସଂପୃକ୍ତ କର୍ମଚାରୀଙ୍କ ପରିବାରକୁ ଆକସ୍ମିକ ଆର୍ଥିକ ଅନାଟନରୁ ରକ୍ଷା କରିବା । ଏହି ଯୋଜନାର ସଫଳ ରୂପାୟନ ପାଇଁ ବିଭିନ୍ନ ସମୟରେ ଏହି ବିଭାଗ ତରଫରୁ କେତେଗୁଡିଏ ନିର୍ଦ୍ଦେଶନାମା/ସ୍ପଷ୍ଟୀକରଣ ଜାରି କରାଯାଇଅଛି । ପୁନର୍ବାସ ଯୋଜନାରେ ନିଯୁକ୍ତି ଦେବାପାଇଁ ଏପର୍ଯ୍ୟନ୍ତ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ । ଯଦ୍ୱାରା କି କେତେକ କର୍ତ୍ତୃପକ୍ଷ ଠିକ୍ ସମୟରେ ଆବେଦନକାରୀଙ୍କ ଦରଖାସ୍ତକୁ ବିଚାରକୁ ନ ନେଇ ଅଯଥା ବିଳମ୍ବ ଘଟାଉଥିବାର ଦୃଷ୍ଟାନ୍ତ ସରକାରଙ୍କ ଦୃଷ୍ଟିକୁ ଆସିଛି । ଏପରି କରିବା ଫଳରେ ସରକାରଙ୍କ ଯୋଜନାଟି ଠିକ୍‌ଭାବେ କାର୍ଯ୍ୟକାରୀ ହେଉଛି ବୋଲି କୁହାଯାଇ ନପାରେ ।

ଏହାକୁ ଦୃଷ୍ଟିରେ ରଖି ସରକାର ସ୍ଥିର କରିଛନ୍ତି ଯେ କୌଣସି କର୍ମଚାରୀ ଚାକିରୀରେ ଥାଇ ମୃତ୍ୟୁବରଣ କଲେ ଅଥବା ଶାରିରୀକ ବିକଳାଙ୍ଗ ହୋଇ ଚାକିରୀରୁ ଅବସର ଗ୍ରହଣ କଲେ, ତାଙ୍କର ପରିବାରରୁ ଯଦି କୌଣସି ସଭ୍ୟ/ସଭ୍ୟା ପୁନର୍ବାସ ଯୋଜନାରେ ନିଯୁକ୍ତି ପାଇଁ ଆବେଦନ କରନ୍ତି, ତେବେ ଏ ସଂକ୍ରାନ୍ତରେ ନିର୍ମିତ ସମସ୍ତ ନୀତିନିୟମକୁ ଦୃଷ୍ଟିରେ ରଖି ଉକ୍ତ ଆବେଦନପତ୍ରକୁ ଆବେଦନ ତାରିଖଠାରୁ ଏକ ମାସ ମଧ୍ୟରେ ଫଇସଲା କରାଯିବା ଉଚିତ ।

ଅ.ପୃ.ଦେ.

ସୁତରାଂ ମୁଁ ଆପଣଙ୍କୁ ଅନୁରୋଧ କରୁଅଛି କି ଆପଣଙ୍କ ଅଧିନସ୍ଥ ସମସ୍ତ ଅଧସ୍ତନ କାର୍ଯ୍ୟାଳୟଙ୍କୁ ଏହା ଜଣାଇଦେଇ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାପାଇଁ ପରାମର୍ଶ ଦିଅନ୍ତୁ ।

ଆପଣଙ୍କର ବିଶ୍ୱସ୍ତ,

[signature] 6/12/90

ସ୍ୱତନ୍ତ୍ର ଶାସନ ସଚିବ ।

ବାଙ୍କବିହାରୀ/